# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 May - 2025

**********************************

## ମୁଖ୍ୟ ସମ୍ବାଦ

- ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ପୁରୀ ଶ୍ରୀମନ୍ଦିର ସେବାୟତଙ୍କ ସମ୍ପୃକ୍ତି ଅଭିଯୋଗକୁ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବୈଠକ ଜାରି
- ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ରାଜ୍ୟର ୨୭ଟି ପରୀକ୍ଷାକେନ୍ଦ୍ରରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଦେଉଛନ୍ତି ନିଟ୍ ପରୀକ୍ଷା
- ଅଗ୍ନିବୀରମାନଙ୍କର ସାହସ, ବୀରତ୍ୱ ଓ ବଳିଦାନକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ଅଗ୍ନିବୀର ଦିବସ

ଏବଂ

- ମୁମ୍ବାଇଠାରେ ଚାଲିଥିବା ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ– ୱେଭ୍ସ-୨୦୨୫ର ଆଜି ଉଦ୍‌ଯାପନୀ ଦିବସ

*Puri*

# ଶ୍ରୀମନ୍ଦିର ପ୍ରଶାସନ ବୈଠକ

ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ପୁରୀ ଶ୍ରୀମନ୍ଦିର ସେବାୟତଙ୍କ ସମ୍ପୃକ୍ତି ସଂକ୍ରାନ୍ତ ଅଭିଯୋଗକୁ ନେଇ ଆଜି ଦୁଇଟି ପର୍ଯ୍ୟାୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକର ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି' ଘଟଣା ସମ୍ପର୍କରେ ଦଇତାପତି ନିଯୋଗର ସମ୍ପାଦକ' ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ପଚରାଉଚରା କରିଛନ୍ତି। ଏହାପରେ ଦଇତାପତି ନିଯୋଗର ସଭାପତି ଓ ସମ୍ପାଦକ ଉଭୟ ମୁଖ୍ୟ ପ୍ରଶାସକଙ୍କୁ ଭେଟି ଲିଖିତ ଭାବେ ନିଜର ମତାମତ ଜଣାଇଛନ୍ତି। ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ଦେଉଳ କମାଣ୍ଡର, ସୁପରଭାଇଜର ଏବଂ ଶ୍ରୀମନ୍ଦିର ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀଙ୍କ ସହ ମୁଖ୍ୟ ପ୍ରଶାସକ ବୈଠକ କରିଛନ୍ତି। ଏଥିରେ ଶ୍ରୀମନ୍ଦିରର ନବକଳେବର ସମୟରେ ବଳକା ଦାରୁ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଘଟଣା ସମ୍ପର୍କରେ ଆଇନ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି...

**- V/O -**

ଅନ୍ୟପକ୍ଷରେ ଆଜି ଅପରାହ୍ନ ୫ଟା ସୁଦ୍ଧା ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ଲାଗି ସମସ୍ତ ନିଯୋଗଙ୍କୁ  ସମୟସୀମା ଗତକାଲି ଦିଆଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ଗତକାଲି ପ୍ରଥମ ପର୍ଯ୍ୟାୟରେ ଦେଉଳକରଣ, ଚଢ଼ାଉକରଣ, ପାଟ୍ଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା ପରେ ଦ୍ୱିତୀୟ ପର୍ଯ୍ୟାୟରେ ତିନି ବାଡ଼ଗ୍ରାହୀ ଓ ତୃତୀୟ ପର୍ଯ୍ୟାୟରେ ତିନି ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା ହୋଇଥିଲା ।

***Desk***

# ନିଟ୍ ପରୀକ୍ଷା

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ନିଟ୍-୨୦୨୫ ଆଜି ଅନୁଷ୍ଠିତ ହେଉଛି । ଜାତୀୟ ପରୀକ୍ଷଣ ସଂସ୍ଥା-ଏନ.ଟି.ଏ ଦ୍ୱାରା ଆୟୋଜିତ ଏହି ପରୀକ୍ଷା ଅପରାହ୍ନ ୨ଟାରୁ ଆରମ୍ଭ ହୋଇଛି । ଓଡ଼ିଶାରୁ ନିଟ୍ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବା ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୨୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି । ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ସହ ସ୍ୱତନ୍ତ୍ର ସ୍କ୍ୱାର୍ଡର ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ, ଦେଶରେ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଉଛନ୍ତି ।

*HS*

## ଏସ୍‌ଏଚ୍‌ଜି ମହିଳା– ଜଳଯୋଗାଣ

ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣର ଦାୟିତ୍ୱ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ଦିଆଯିବ ବୋଲି  ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଆଗାମୀ ଦିନରେ ସରକାର ପ୍ରତ୍ୟେକ ବ୍ଲକରେ ଜଳର ମାନ ପରୀକ୍ଷା ପାଇଁ ଲ୍ୟାବ ପ୍ରତିଷ୍ଠା କରିବେ ଓ ଏସ୍.ଏଚ୍.ଜି. ମହିଳାମାନଙ୍କୁ ପାନୀୟ ଜଳ ପରୀକ୍ଷଣର ତାଲିମ ଦେବା ସହ ସ୍ୱତନ୍ତ୍ର କିଟ୍ ପ୍ରଦାନ କରାଯିବ। ପ୍ରତ୍ୟେକ ଗ୍ରାମରେ ଜଣେ ମହିଳା ବିଶୁଦ୍ଧ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଦାୟିତ୍ୱରେ ରହିବେ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

*Desk*

## ଡ୍ରପ ଆଉଟ

ଅଧାରୁ ପାଠପଢା ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିପାଇଁ ଏପ୍ରିଲ ୩୦ ତାରିଖରୁ ସର୍ଭେ କାର୍ଯ୍ୟ ଚାଲିଛି । ଘରକୁ ଘର ବୁଲି ଏହି ତଥ୍ୟ ସଂଗ୍ରହ କରାଯିବା ସହ ଏକ ତାଲିକା ପ୍ରସ୍ତୁତ କରାଯାଉଛି । ଆସନ୍ତାକାଲି ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଜାରି ରହିବ । ଗଞ୍ଜାମ ଜିଲ୍ଲାରେ ୯୩୫ଜଣ ଛାତ୍ରଛାତ୍ରୀ ଅଧାରୁ ସ୍କୁଲ ଛାଡିଥିବା ଜଣାପଡିଛି । ଓସେପା

ଯୁଗ୍ମ ନିର୍ଦ୍ଦେଶିକା ତଥା ଗଞ୍ଜାମ ଜିଲ୍ଲାର ନୋଡାଲ ଅଧିକାରୀ ଅମିତା ପଟ୍ଟନାୟକ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସର୍ଭେ କାର୍ଯ୍ୟ ତଦାରଖ କରିଛନ୍ତି ।

***Desk***

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ  ଏହି ସୂଚନା ଦିଆଯାଇଛି।  ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ ବୋଲି ବିଭାଗ କହିଛି ।

***Desk***

# ବାବା ଶିବାନନ୍ଦ ଦେହାନ୍ତ

ଯୋଗଅଭ୍ୟାସକାରୀ ପଦ୍ମଶ୍ରୀ ବିଜେତା ବାବା ଶିବାନନ୍ଦଙ୍କର ଗତକାଲି ରାତିରେ ବାରାଣାସୀରେ ଦେହାନ୍ତ ହୋଇଛି । ତାଙ୍କୁ ୧୨୮ବର୍ଷ ବୟସ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଶିବାନନ୍ଦ ବାବାଙ୍କ ଦେହାନ୍ତରେ ଶୋକବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମର ଏକ ବାର୍ତ୍ତାରେ କହିଛନ୍ତି ଯୋଗ ଏବଂ ଆଧ୍ୟାତ୍ମିକ

ଅଭ୍ୟାସ ପାଇଁ ବାବା ଶିବାନନ୍ଦଙ୍କର ଉତ୍ସର୍ଗୀକୃତ ଜୀବନ ଦେଶର ପ୍ରତ୍ୟେକ ପୀଢ଼ିକୁ ପ୍ରେରଣା ଯୋଗାଇବ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ଯୋଗଗୁରୁ ପଦ୍ମଶ୍ରୀ ଶିବାନନ୍ଦ ବାବାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ କହିଛନ୍ତି, ତାଙ୍କ ତପସ୍ୱୀ ଜୀବନ, ଯୋଗ ଓ ସାଧନା ପ୍ରତି ସମର୍ପଣ ତଥା ସମାଜ ସେବା ପାଇଁ ଯୋଗଦାନ ସମସ୍ତଙ୍କୁ ପ୍ରେରଣା ଯୋଗାଇବ।

***Desk***

## ୱେଭ୍‌ସ-ସମ୍ମିଟ୍

ମୁମ୍ବାଇରେ ଚାଲିଥିବା ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍‌ସ-୨୦୨୫ର ଆଜି ଉଦ୍‌ଯାପନୀ ଦିବସ। ଚଳଚ୍ଚିତ୍ର ନିର୍ମାଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଜି ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହେଉଛି ।  ସମ୍ମିଳନୀରେ ବିଭିନ୍ନ ଷ୍ଟାର୍ଟ-ଅପ୍ କମ୍ପାନୀର ମୁଖ୍ୟ ଏବଂ ଅଂଶୀଦାରମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି।

ୱେଭ୍‌ସ ସମ୍ମିଳନୀରେ ‘ୱେଭ୍ ଏକ୍ସ’ ଏକ ଷ୍ଟାର୍ଟ-ଅପ୍ ତ୍ୱରାନ୍ୱିତ କାର୍ଯ୍ୟକ୍ରମ’ ଯାହା ୧୫ଟି ଷ୍ଟାର୍ଟ-ଅପ୍ ପାଇଁ ପାଣ୍ଠି ସଂଗ୍ରହ କରିବ ବୋଲି ଆଇ.ଏ.ଏମ୍.ଏ.ଆଇ’ର ମୁଖ୍ୟ ସନ୍ଦୀପ ଝିଙ୍ଗରାନ୍ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୧୦ଟି ଷ୍ଟାର୍ଟ–ଅପ୍ ପ୍ୟାଭିଲିୟନ୍ ଅଫ୍ ୱେଭ୍‌ସରେ ପଞ୍ଜୀକୃତ

ନିଜର ମତ ଉପସ୍ଥାପନ କରିଛନ୍ତି। ଏହା ସହ ଆଗାମୀ ଦିନରେ ଏହି ଷ୍ଟାର୍ଟ-ଅପ୍ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ସଂସ୍ଥାର ନିବେଶକଙ୍କଠାରୁ ପୁଞ୍ଜି ସଂଗ୍ରହ କରାଯିବାର ଆଶା ରଖାଯାଇଛି।

'ନିର୍ମାତାଙ୍କୁ ଯୋଡ଼ିବା, ଦେଶ ଯୋଡ଼ିବା' ପ୍ରସଙ୍ଗ ଆଧାରରେ ଆୟୋଜିତ ଏହି ଚାରିଦିନିଆ ଶିଖର ସମ୍ମିଳନୀକୁ ଗତ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ। ଗଣମାଧ୍ୟମ, ମନୋରଞ୍ଜନ ଏବଂ ଡିଜିଟାଲ ଉଦ୍ଭାବନ କ୍ଷେତ୍ରରେ ଭାରତକୁ ଏକ ବିଶ୍ୱସ୍ତରୀୟ ପେଣ୍ଠସ୍ଥଳୀଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ଏହି ଶିଖର ସମ୍ମିଳନୀ ଆୟୋଜିତ ହେଉଛି। ଏହି ଶିଖର ସମ୍ମିଳନୀରେ ୯୦ରୁ ଊର୍ଦ୍ଧ୍ୱ ଦେଶର ପ୍ରାୟ ୧୦ ହଜାରରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି।

***Desk***

## ଇସିଆଇ ନେଟ୍ ଆପ୍

ଭାରତର ନିର୍ବାଚନ ଆୟୋଗ ଖୁବ୍‌ଶୀଘ୍ର ଭୋଟରମାନଙ୍କ ପାଇଁ 'ଏକକ ଇ.ସି.ଆଇ. ନେଟ୍ ଆପ୍'ର ଶୁଭାରମ୍ଭ କରିବେ। ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆପ୍ ମାଧ୍ୟମରେ ୱେବ୍ ଆପ୍ଲିକେସନ ଗୁଡ଼ିକୁ ସମନ୍ୱିତ କରାଯିବା ସହ ୪୦ରୁ ଅଧିକ ଅନ୍ୟ ମୋବାଇଲ ଆପ୍‌କୁ ଏକୀକୃତ କରାଯାଇଛି। ମତଦାତା, ନିର୍ବାଚନ ଅଧିକାରୀ, ରାଜନୈତିକ ଦଳ ଏବଂ ନାଗରିକମାନଙ୍କ ପାଇଁ ଏହା ଏକ

ନୂତନ ବ୍ୟବସ୍ଥା ଭାବେ କାର୍ଯ୍ୟକାରୀ ହେବ । ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ସୂଚନା ଏହି ଆପ୍ ମାଧ୍ୟମରେ ଏକକାଳୀନ ମିଳିପାରିବ । ପୂର୍ବରୁ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସୂଚନା ପାଇବା ପାଇଁ ଅନେକଗୁଡ଼ିଏ ଆପ୍'ର ସହାୟତା ନେବାକୁ ପଡୁଥିଲା। ବର୍ତ୍ତମାନ ଏହି ଆପ୍ ଜରିଆରେ ସମସ୍ତ ସୂଚନା ଏକସାଙ୍ଗରେ ମିଳିପାରିବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀରେ ଗତ ମାର୍ଚ୍ଚ ମାସରେ ଭାରତର ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଏହି ପ୍ଲାଟଫର୍ମ ସମ୍ପର୍କରେ ଘୋଷଣା କରିଥିଲେ ।

***Desk***

## ଅଗ୍ନିବୀର ଦିବସ

ଅଗ୍ନିବୀରମାନଙ୍କର ଅଦମ୍ୟ ସାହସ, ବୀରତ୍ୱ ଓ ବଳିଦାନକୁ ସ୍ମରଣ କରି ଆଜି ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ଅଗ୍ନିବୀର ଦିବସ ପାଳନ କରାଯାଉଛି। ଅଗ୍ନିଶମ କର୍ମଚାରୀଙ୍କୁ ସେମାନଙ୍କର ଦୁଃସାହସିକ କାର୍ଯ୍ୟ ଏବଂ ଧନଜୀବନ ରକ୍ଷା କରିବା ପଦକ୍ଷେପକୁ ସମ୍ମାନ ଜଣାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ସୂଚନାଯୋଗ୍ୟ, ୧୯୯୮ ମସିହା ଡିସେମ୍ବର ୨ ତାରିଖରେ ଅଷ୍ଟ୍ରେଲିଆରେ ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ପ୍ରୟାସ କରୁଥିବା ବେଳେ ୫ ଜଣ କର୍ମଚାରୀ ମୃତ୍ୟୁବରଣ କରିଥିଲେ । ସେମାନଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ମେ ୪ ତାରିଖ ତଥା ଆଜିର ଦିନକୁ

ଏହି ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ଏହି ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଗ୍ନିବୀରମାନଙ୍କର ବଳିଦାନ, ଅଦମ୍ୟ ସାହସ, ପ୍ରତିବଦ୍ଧତା, ତ୍ୟାଗ ଓ ସେବା ମନୋଭାବକୁ ସ୍ମରଣ କରିଛନ୍ତି।

*BHK*

## ନାମଫଳକ ଅଭିଯାନ

ଭଦ୍ରକ ଜିଲ୍ଲାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଏବଂ ସରକାରୀ ନିୟମର ଅନୁପାଳନ, ଓଡ଼ିଆରେ ନାମଫଳକ ଲେଖିନଥିବା ପ୍ରତିଷ୍ଠାନଗୁଡ଼ିକ ପଞ୍ଜୀକରଣ କରିବା ସହ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ଆଲୋଚନା କରାଯାଇଥିଲା।

*HS*

## ପାଣିପାଗ

ରାଜ୍ୟରେ ଗତକାଲିଠାରୁ କାଳବୈଶାଖୀର ପ୍ରଭାବ ଲାଗି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ,

ଆସନ୍ତା ବୁଧବାର ପର୍ଯ୍ୟନ୍ତ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଝଡ଼ ତୋଫାନ ଏବଂ କୁଆପଥର ବୃଷ୍ଟି ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ସୁଦ୍ଧା ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ମୟୂରଭଞ୍ଜ ଜିଲ୍ଲାର ଉଦଳାଠାରେ ଗତକାଲି ସର୍ବାଧିକ ୮୪ ମିଲିମିଟର ବର୍ଷା ହୋଇଥିବାବେଳେ ଭଦ୍ରକ ଜିଲ୍ଲାର ତିହିଡ଼ିରେ ୭୫, ଢେଙ୍କାନାଳ ଜିଲ୍ଲା ଭୁବନରେ ୭୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।